କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ

# କେନ୍ଦ୍ର କ୍ୟାବିନେଟ ମଞ୍ଜୁରି : ୨୦୨୨-୨୩ ବିପଣନ ଋତୁ ପାଇଁ ବଢ଼ିଲା ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)

Posted On: 08 JUN 2022 4:52PM by PIB Bhubaneshwar

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଇଏ) ବୈଠକରେ ୨୦୨୨-୨୩ ବିପଣନ ଋତୁ ପାଇଁ ସମସ୍ତ ଅଧିସୂଚିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ମିଳିଛି ।

ସରକାର ଫସଲ ବିବିଧକରଣକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀମାନଙ୍କୁ ସେମାନଙ୍କ ଫସଲ ପାଇଁ ଲାଭକାରୀ ମୂଲ୍ୟ ଯୋଗାଇ ଦେବା ନିମନ୍ତେ ୨୦୨୨-୨୩ ବିପଣନ ଋତୁ ପାଇଁ ଖରିଫ ଫସଲର ଏମଏସପି ବୃଦ୍ଧି କରିଛନ୍ତି, ଯାହାର ତାଲିକା ନିମ୍ନରେ ଦିଆଗଲା ।

**୨୦୨୨-୨୩ ବିପଣନ ଋତୁ ପାଇଁ ସବୁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ ପ୍ରତି ଟଙ୍କା)**

| ଫସଲ | ଏମଏସପି 2014-15 | ଏମଏସପି 2021-22 | | ଏମଏସପି **2022-23** | ଉତ୍ପାଦନ ଖର୍ଚ୍ଚ* 2022-23 | ଏମଏସପିରେ ବୃଦ୍ଧି (ସମ୍ପୂର୍ଣ୍ଣ) | ଉତ୍ପାଦନ ଖର୍ଚ୍ଚ ଉପରେ ଲାଭ (ପ୍ରତିଶତରେ) |
|---|---|---|---|---|---|---|---|
| ଧାନ (ସାଧାରଣ) | 1360 | 1940 | | **2040** | 1360 | 100 | 50 |
| ଧାନ (ଗ୍ରେଡ୍ ଏ)^ | 1400 | 1960 | | **2060** | - | 100 | - |
| ଯଅ (ହାଇବ୍ରିଡ୍) | 1530 | 2738 | | **2970** | 1977 | 232 | 50 |

| ଫସଲ | ଏମଏସପି 2014-15 | ଏମଏସପି 2021-22 | | ଏମଏସପି **2022-23** | ଉତ୍ପାଦନ ଖର୍ଚ୍ଚ* 2022-23 | ଏମଏସପିରେ ବୃଦ୍ଧି (ସମ୍ପୂର୍ଣ୍ଣ) | ଉତ୍ପାଦନ ଖର୍ଚ୍ଚ ଉପରେ ଲାଭ (ପ୍ରତିଶତରେ) |
|---|---|---|---|---|---|---|---|
| ଧାନ (ମାଲଦାଣ୍ଡି) ^ | 1550 | 2758 | | **2990** | - | 232 | - |
| ବାଜରା | 1250 | 2250 | | **2350** | 1268 | 100 | 85 |
| ମାଣ୍ଡିଆ | 1550 | 3377 | | **3578** | 2385 | 201 | 50 |
| ମକା | 1310 | 1870 | | **1962** | 1308 | 92 | 50 |
| ହରଡ଼ | 4350 | 6300 | | **6600** | 4131 | 300 | 60 |
| ମୁଗ | 4600 | 7275 | | **7755** | 5167 | 480 | 50 |
| ବିରି | 4350 | 6300 | | **6600** | 4155 | 300 | 59 |
| ଚିନାବାଦାମ | 4000 | 5550 | | **5850** | 3873 | 300 | 51 |
| ସୂର୍ଯ୍ୟମୁଖୀ ମଞ୍ଜି | 3750 | 6015 | | **6400** | 4113 | 385 | 56 |
| ସୋୟାବିନ (ହଳଦିଆ) | 2560 | 3950 | | **4300** | 2805 | 350 | 53 |
| ରାଶି | 4600 | 7307 | | **7830** | 5220 | 523 | 50 |
| କଳାରାଶି | 3600 | 6930 | | **7287** | 4858 | 357 | 50 |
| କପା (ମଧ୍ୟମ କ୍ଷେପଲ) | 3750 | 5726 | | **6080** | 4053 | 354 | 50 |
| କପା (ସାଧାରଣ କ୍ଷେପଲ)^ | 4050 | 6025 | | **6380** | - | 355 | - |


* ଉତ୍ପାଦନ ଖର୍ଚ୍ଚରେ ସବୁ ପ୍ରକାରର ଖର୍ଚ୍ଚକୁ ସାମିଲ କରାଯାଇଛି ଯଥା : ଶ୍ରମିକଙ୍କ ମଜୁରି, ବଳଦ ଖର୍ଚ୍ଚ/ମେସିନ ଖର୍ଚ୍ଚ, ଭାଗ ଜମି ପାଇଁ ଦିଆଯାଇଥିବା ଭଡ଼ା, ବିହନ, ସାର, ଖତ, ଜଳସେଚନ ଖର୍ଚ୍ଚ ଭଳି ସବୁ ଭୌତିକ ଉପକରଣ ପାଇଁ ଖର୍ଚ୍ଚ, ଉପକରଣ ଏବଂ ଫାର୍ମ ଭବନ ବାବଦ ଖର୍ଚ୍ଚ, ଚଳନ୍ତି ପୁଞ୍ଜି ଉପରେ ଖର୍ଚ୍ଚ, ଡିଜେଲ/ବିଦ୍ୟୁତ, ବିବିଧ ବ୍ୟୟ ଏବଂ ପାରିବାରିକ ଶ୍ରମର ମୂଲ୍ୟ ଆଦି ।


ˆ ଧାନ (ଗ୍ରେଡ୍ ଏ), ଯଅ (ମାଲଦାଣ୍ଡି) ଏବଂ କପା (ଲମ୍ବା ରେଶା) ପାଇଁ ଖର୍ଚ୍ଚର ତଥ୍ୟ ପୃଥକ ଭାବେ ସଂକଳିତ କରାଯାଏ ନାହିଁ ।


ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରୀ ଉତ୍ପାଦନ ଖର୍ଚ୍ଚ (ସିଓପି) ଠାରୁ ଅତିକମରେ ୫୦ ପ୍ରତିଶତ ଲାଭ ଆଧାରରେ ଏମଏସପି ଦର ନିର୍ଦ୍ଧାରଣ କରିବା ନିମନ୍ତେ ୨୦୧୮-୧୯ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିଲା । ଏହି ଘୋଷଣା ଅନୁରୂପ ୨୦୨୨-୨୩ ବିପଣନ ଋତୁ ପାଇଁ ଖରିଫ ଫସଲର ଏମଏସପିରେ ବୃଦ୍ଧି କରାଯାଇଛି । ଚାଷୀଙ୍କ ପାଇଁ ଉପଯୋଗୀ ନିରପେକ୍ଷ ଦର ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ଏମଏସପି ବଢ଼ାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବାଜରା, ହରଡ଼, ବିରି, ସୂର୍ଯ୍ୟମୁଖି ମଞ୍ଜି, ସୋୟାବିନ ଏବଂ ଚିନାବାଦାମର ଏମଏସପି ଉପରେ ଲାଭ ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରୀ ଉତ୍ପାଦନ ଖର୍ଚ୍ଚ ଠାରୁ ୫୦ ପ୍ରତିଶତ ଅଧିକ ନିର୍ଦ୍ଧାରଣ କରାଯାଇଛି ଯାହାକି ଯଥାକ୍ରମେ : ୮୫%, ୬୦%, ୫୯%, ୫୬%, ୫୩% ଏବଂ ୫୧% ରଖାଯାଇଛି ।


ବିଗତ କିଛି ବର୍ଷ ମଧ୍ୟରେ ଏମଏସପିକୁ ତୈଳବୀଜ, ଡାଲି ଏବଂ ମୋଟା ଶସ୍ୟ କ୍ଷେତ୍ରରେ ପୁନଃସଂଗଠିତ କରିବା ଲାଗି ଦୃଢ଼ ପ୍ରୟାସ କରାଯାଇଛି । ଏହି ଫସଲ ଅମଳ ପାଇଁ ଚାଷୀମାନଙ୍କୁ ବିସ୍ତୃତ କ୍ଷେତ୍ରକୁ ନେଇଯିବା ଏବଂ ଉତ୍କୃଷ୍ଟ ଜ୍ଞାନକୌଶଳ ଓ କୃଷି ପଦ୍ଧତି ଆପଣାଇବା ନିମନ୍ତେ ପ୍ରୋତ୍ସାହିତ କରାଯାଇଛି । ଚାହିଦା-ଯୋଗାଣ ମଧ୍ୟରେ ରହିଥିବା ଅସନ୍ତୁଳନକୁ ଦୂର କରିବା ଲାଗି ଉଦ୍ୟମ କରାଯାଇଛି ।

୨୦୨୧-୨୨ ଆର୍ଥିକ ବର୍ଷର ଅଗ୍ରୀମ ଆକଳନ ଅନୁସାରେ, ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ୩୧୪.୫୧ ନିୟୁତ ଟନ୍ ହେବା ନେଇ ପୂର୍ବାନୁମାନ କରାଯାଇଛି ଯାହାକି ୨୦୨୦-୨୧ ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୩.୭୭ ନିୟୁତ ଟନ୍ ଠାରୁ ଅଧିକ । ୨୦୨୧-୨୨ ଆର୍ଥିକ ବର୍ଷରେ ଉତ୍ପାଦନ, ବିଗତ ୫ ବର୍ଷ (୨୦୧୬-୧୭ ଠାରୁ ୨୦୨୦-୨୧)ର ହାରାହାରୀ ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୨୩.୮୦ ନିୟୁତ ଟନ୍ ଅଧିକ ।


MSP for Paddy (Rs/Qt)
1360
2040
2014-15
2022-23
0


MSP for Maize (Rs/Qt)
2500
2000
1500
1000
500
0
1310
1962
2014-15
2022-23


MSP for Major Oil Seeds (Rs/Qt)
7000
6000
5000
4000
3000
2000
1000
0
4000
5850
3750
6400
2560
4300
GROUNDNUT
SUNFLOWER SEED
SOYABEAN
2014-15
2022-23




*******

P.S.

(Release ID: 1832351) Visitor Counter : 23

Read this release in: Hindi , Malayalam , English , Gujarati , Urdu , Marathi